# ମହେନ୍ଦ୍ର ଉତ୍ସବ ଉଦ୍‌ଯାପିତ, ମନ ମୋହିଲେ ମଣ୍ଟୁ ଛୁରିଆ

**ପାରଳାଖେମୁଣ୍ଡି, ୧୫।୧୨ (ଗିରିଧାରୀ ପରିଛା)**

ଗଜପତି ଜଲା ରାୟଗଡ଼ ବ୍ଲକ ସଦରମହକୁମା ସ୍ଥିତ ହାଇସ୍କୁଲ ପଡ଼ିଆଠାରେ ଦୁଇ ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ମହେନ୍ଦ୍ର ଉତ୍ସବ ଶନିବାର ଉଦ୍‌ଯାପନୀ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଜିଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଡ.ଗୁଣନିଧି ନାୟକ, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ଅଂଶୁମାନ ମହାପାତ୍ର, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡ଼ିଓ ସଧୀର



କଳାକାରମାନେ ନୃତ୍ୟ, ଗୀତ ପରିବେଷଣ କରୁଛନ୍ତି।

କୁମାର ସିଂ, ତହସିଲଦାର ସୁକାନ୍ତ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ଗୌତମୀ ଜାନି, ପିତାମ୍ବର ନାୟକ, ଏବିଇଓ ଏସ୍. ପାପାରାଓ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା, ପ୍ରଧାନ ଆଚାର୍ଯ୍ୟ ଶୋଭେନ୍ଦ୍ର ନାଥ ଘଡ଼ାଇ ପ୍ରମୁଖ ମଞ୍ଚାସିନ ଥିଲେ। ଏଥିରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ପଞ୍ଚାୟତ ସମିତି ପକ୍ଷରୁ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏଥିସହ ଗଜପତି ଜିଲାର ଐତିହ୍ୟ, କଳା ଓ ସଂସ୍କୃତିକୁ ନେଇ ସଂଯୋଜନା କରାଯାଇଥିବା ବନ୍ଦେ ମାତରମ ଡ୍ୟାନ୍ସ ଗ୍ରୁପ ଓ ପି.ଆର ମ୍ୟୁଜିକ ପକ୍ଷରୁ ଗଜପତି ଉତ୍ସବ ନିମନ୍ତେ ପ୍ରସ୍ତୁତି ହୋଇଥିବା ସଂଗୀତ ଉନ୍ମୋଚନ କରାଯାଇଥିଲା। ନିମନ୍ତ୍ରିତ ଅତିଥିମାନଙ୍କ ଅଭିଭାଷଣ ସରିବ। ପରେ ଉପସ୍ଥିତ ହଜାର ହଜାର ଦର୍ଶକଙ୍କ ମନୋରଞ୍ଜନ ପାଇଁ ସୁଦୂର ସମ୍ବଲପୁରରୁ ଆସିଥିବା ସୁପ୍ରସିଦ୍ଧ ଓଲିଉଡ଼ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ଓ ତାଙ୍କ ସାଥି କଳାକାରଙ୍କ ମେଲୋଡି ବେଶ ଚିତାକର୍ଷକ ରହିଥିଲା। ମଣ୍ଟୁ ଛୁରିଆଙ୍କୁ ଦେଖିବା ପାଇଁ ସୁଦୂର ମୋହନା, ଆର. ଉଦୟଗିରି, ନୂଆଗଡ଼, ପାରଳାଖେମୁଣ୍ଡି ଆଦି ଅଞ୍ଚଳରୁ ଶହ ଶହ ଦର୍ଶକ ଆସି କାର୍ଯ୍ୟକ୍ରମର ଭରପୁର ମଜା ଉଠାଇଥିଲେ। ଓଡ଼ିଆ ସିନେମା, ସମ୍ବଲପୁରୀ ଓ ଆଲବମ ଗୀତ ଆଦିରେ ଦର୍ଶକ ବିଭୋର ହୋଇଯାଇଥିବା ଦେଖିବାକୁ ମିଳିଥିଲା।

# ଜୈବିକ ସାରରେ ଚାଷ ପାଇଁ ୨୬ ଚାଷୀଙ୍କୁ କୃଷକ ରତ୍ନ ସମ୍ମାନ


ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କବି ସୂର୍ଯ୍ୟନଗରର ବାଉରିବନ୍ଧୁ ସ୍ୱାଇଁଙ୍କୁ ସମ୍ମାନିତ କରୁଛନ୍ତି।

**କବିସୂର୍ଯ୍ୟନଗର, ୧୫।୧୨ (କୃପାସିନ୍ଧୁ ସ୍ୱାଇଁ)**

ଚାଷୀ ଦେଶର ମେରୁଦଣ୍ଡ । ଚାଷୀଙ୍କ ଉନ୍ନତି ହେଲେ ଦେଶର ବିକାଶ ହେବ। ଚାଷ ପାଇଁ ରାସାୟନିକ ସାରର ବହୁଳ ବ୍ୟବହାର ମାଟିର ଉତ୍ପାଦନ କ୍ଷମତା କମାଇବା ସହ ବହୁଳ ରୋଗର ସୂତ୍ରପାତ କରେ। ସମୟ ଆସିଛି ଫସଲରେ ଜୈବିକ ସାର ବ୍ୟବହାର କରିବାକୁ ପଡିବ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ଏଦିଗରେ ପ୍ରୋତ୍ସାହନ ପାଇଁ ଭୁବନେଶ୍ୱର ସୋଆ ପରିଚାଳିତ ଇନଷ୍ଟିଚ୍ୟୁଟ ଅଫ ଏଗ୍ରିକଲଚର ସାଇନ୍ସ କନଭେସନ ହଲରେ ଶନିବାର ଆୟୋଜିତ ଚାଷୀ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟର ୨୬ ଜଣ ଚାଷୀଙ୍କୁ କୃଷକ ରତ୍ନ ସମ୍ମାନ ପ୍ରଦାନ କରାଯାଇଛି। କବି ସୂର୍ଯ୍ୟନଗରର ବାଉରିବନ୍ଧୁ ସ୍ୱାଇଁ ମଧ୍ୟ ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମୁଖ୍ୟବକ୍ତା ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ ରାଉଳ, ସମ୍ମାନିତ ଅତିଥି ଗୋପାଳକୃଷ୍ଣ ମହାପାତ୍ର, ହିମାଂଶୁ ହୋତା, ସୁନୀଲ ଦାସ ଯୋଗଦେଇ ଚାଷୀମାନଙ୍କୁ ସମ୍ମାନିତ କରିଥିଲେ। ସୂଚନାଯୋଗ୍ୟ, କବିସୂର୍ଯ୍ୟନଗର ବକ୍ସି ଜଗବନ୍ଧୁ ରୋଡର ଜୈବିକ ଚାଷୀ ବାଉରିବନ୍ଧୁ ଜଣେ ସଫଳ ଜୈବିକ ଚାଷୀ ଭାବେ ଓଡ଼ିଶାରେ ପରିଚିତ। ତାଙ୍କୁ ମାନପତ୍ର, ସିଲ୍ ସହ ୧୦ ହଜାର ଟଙ୍କାର ଚେକ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ତାଙ୍କୁ ସାକ୍ଷାତପୂର୍ବକ ଶୁଭେଚ୍ଛା ଜଣାଇଛନ୍ତି ।

# ଗଞ୍ଜାମରେ ସିପିଆଇ ପାଳିବ ଶତବାର୍ଷିକୀ


ବୈଠକରେ ଉପସ୍ଥିତ ସିପିଆଇ କର୍ମକର୍ତ୍ତା।

**ବ୍ରହ୍ମପୁର, ୧୫।୧୨ (ନରସିଂହ ସାହୁ)**

ଗଞ୍ଜାମ ଜିଲା ସିପିଆଇର ସ୍ୱତନ୍ତ୍ର ବୈଠକ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ୨୬ ତାରିଖ ପାର୍ଟିର ୧୦୦ବର୍ଷ ପୂରଣ ହେବାକୁ ଥିବାରୁ ଜିଲାର ସବୁ ଶାଖାରେ ପତାକା ଉତ୍ତୋଳନ କରାଯିବାର ନିଷ୍ପତ୍ତି ନିଆଯାଇଛି। ଶତବାର୍ଷିକୀ ସମାରୋହ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ବର୍ଷେ ବ୍ୟାପୀ ପାଳନ କରାଯିବ। ବୈଠକରେ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଯୋଗଦେଇଥିଲେ। କମ୍ୟୁନିଷ୍ଟ ପାର୍ଟିର ୧୦୦ ବର୍ଷର ଇତିହାସ ଓ ସଂଗ୍ରାମ ନେଇ ସେ ଆଲୋକପାତ କରିଥିଲେ। ବୈଠକରେ ବରିଷ୍ଠ ନେତା ଦୁର୍ଗା ଚରଣ ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ ସମ୍ପାଦକ ଲାଲ ପତାକା ଉତ୍ତୋଳନ କରିଥିଲେ। ଶତବାର୍ଷିକୀ ସମାରୋହ ଅବସରରେ ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନ କରିବା ଉପରେ କାନୁନ୍‌ଗୋ ସମବେତ କର୍ମୀ ଓ ନେତାଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ ଦାସ, ଶ୍ରୀହର୍ଷ ରଥ, ଜିଲା ସମ୍ପାଦକ ପ୍ରକାଶ ପାତ୍ର, ପ୍ରଶାନ୍ତ ପାଇଯୋଷୀ ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ସେଠୀ, କାମଦେବ ନାହାକ, ନୀଳକଣ୍ଠ ଦାସ, ଜନାର୍ଦ୍ଦନ ରେଡ୍ଡୀ, ଦଣ୍ଡପାଣି ପାତ୍ର, କିଶୋର ଶତପଥୀ, ଅନନ୍ତ ମହାକୁଡ଼, ରାଜେନ୍ଦ୍ର ଦାସ, ପ୍ରବୀଣ ଦାସ, ପଞ୍ଚାନନ ସ୍ୱାଇଁ, ଭାନୁମତି ରେଡ୍ଡୀ, ବିଦେଶୀ ନାହାକ, ହରିହର ପାତ୍ର, ସତ୍ୟ ମହାପାତ୍ର ଓ ଅନ୍ୟମାନେ ଯୋଗଦେଇଥିଲେ।

# ବୁଗୁଡ଼ା ବ୍ଲକ୍‌ରେ ନାହାନ୍ତି କର୍ମଚାରୀ, ଉନ୍ନୟନ କାର୍ଯ୍ୟ ଠପ୍

**ବୁଗୁଡ଼ା, ୧୫।୧୨ (କାଳି ଚରଣ ଦାଶ)**

ବୁଗୁଡ଼ା ବ୍ଲକ୍‌ର ଅଧିକାଂଶ ସରକାରୀ କାର୍ଯ୍ୟାଳୟରେ ସ୍ଥାୟୀ ଅଧିକାରୀ ନ ଥିବା ଜଣାପଡ଼ିଛି। କାର୍ଯ୍ୟାଳୟଗୁଡ଼ିକରେ ସ୍ଥାୟୀ ଭାବେ କୌଣସି ମୁଖ୍ୟ ଅଧିକାରୀ ନ ଥିବା ଯୋଗୁ ବ୍ଲକ୍‌କୁ ଆସୁଥିବା ଲୋକଙ୍କୁ କର୍ମଚାରୀମାନେ ବାବୁ ନାହାନ୍ତି ବୋଲି କହି ଖାମଖିଆଲ ମନୋଭାବ ପୋଷଣ କରୁଛନ୍ତି। ଫଳରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏବେ ବୁଗୁଡ଼ାରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ମଧ୍ୟରୁ ବ୍ଲକ କାର୍ଯ୍ୟାଳୟରେ ସ୍ଥାୟୀ ବିଡିଓ ନ ଥିବାବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲ ଅଫିସର, ଦମକଳ କେନ୍ଦ୍ରରେ ଅଗ୍ନିଶମ ଅଧିକାରୀ, ଅବକାରୀ ବିଭାଗରେ ଥାନା ଅଧିକାରୀ, ଏଗ୍ରିକଲ୍‌ଚର ଅଫିସରେ ଗୋଷ୍ଠୀ କୃଷି ଅଧିକାରୀ ଓ ସହ-କୃଷି ଅଧିକାରୀ,




ହର୍ଟିକଲଚର କାର୍ଯ୍ୟାଳୟରେ ଉଦ୍ୟାନ କୃଷି ଅଧିକାରୀ, ସଏଲ କନ୍‌ଜରଭେସନ ଅଫିସରେ ମୃତ୍ତିକା ସଂରକ୍ଷଣ ଅଧିକାରୀ, ପୂର୍ତ୍ତ ବିଭାଗରେ ସହକାରୀ ଯନ୍ତ୍ରୀ ପ୍ରମୁଖ ପଦବୀ ଖାଲିପଡ଼ିଥିବା ବେଳେ ଅନ୍ୟ ବ୍ଲକର ଅଧିକାରୀମାନେ ଅସ୍ଥାୟୀ ଭାବେ ଏ ଦାୟିତ୍ୱରେ ରହିଛନ୍ତି। ଅସ୍ଥାୟୀ ଭାବେ

**ସାଧାରଣରେ ତେଜୁଛି ଅସନ୍ତୋଷ**

ଦାୟିତ୍ୱରେ ରହିଥିବା ଅଧିକାରୀମାନେ ରୀତିମତ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ସମ୍ପୃକ୍ତ କାର୍ଯ୍ୟାଳୟଗୁଡ଼ିକରେ କର୍ମଚାରୀଙ୍କ ରାଜ୍ ଚାଲି ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇଛି। ବୁଗୁଡ଼ାର ଅଧିକାଂଶ କାର୍ଯ୍ୟାଳୟରେ ଅଧିକାରୀ ନ ଥିବା ବେଳେ ବିଡିଓଙ୍କ ବଦଳି ପରେ ପ୍ରାୟ ଦୁଇ ମାସ ଧରି ସ୍ଥାନୀୟ ତହସିଲଦାର ଅସ୍ଥାୟୀ ଭାବେ ସେହି ଦାୟିତ୍ୱରେ ରହିବା ଏବଂ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ତେଜୁଛି। ତେବେ ବ୍ଲକରେ ସ୍ଥାୟୀ ଅଧିକାରୀ ମରୁଡ଼ି ପରିସ୍ଥିତିର ମୁକାବିଲା ପାଇଁ ମନ୍ତ୍ରୀଙ୍କ ହସ୍ତକ୍ଷେପ ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା


କ୍ରୀଡା ଉତ୍ସବରେ ଉପସ୍ଥିତ ଅତିଥି।

**ଛତ୍ରପୁର, ୧୫।୧୨ (ଦିଲ୍ଲୀପ ସାମଲ)**

ସ୍ଥାନୀୟ ଛତ୍ରପୁର କ୍ରୀଡ଼ାଙ୍ଗନଠାରେ ଛତ୍ରପୁର ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ଅଷ୍ଟମ ବାଟାଲିୟନ କମାଣ୍ଡାଣ୍ଟ ଶାରଦା ପ୍ରସାଦ ଦାଶ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସେ ଶିଶୁମାନଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଏକ ସୁସ୍ଥ ଯୁବ ସମାଜ ଗଠନରେ ଅନୁପ୍ରାଣିତ ହେବାକୁ କହିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ଅନ୍ୟତମ ଅତିଥି ରୂପେ ଏନ୍‌ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଏବଂ ସମ୍ମାନିତ ଅତିଥି ରୂପେ କେ.ଚନ୍ଦ୍ରଶେଖର ରେଡ୍ଡୀ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ ସୁଜାତା ପାତ୍ର ଯୋଗଦେଇ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କ୍ରୀଡ଼ାରେ ଛତ୍ରପୁର ସଙ୍କୁଳର ୬ଟି ବିଦ୍ୟାଳୟର ୨୩୬ ଜଣ ଶିଶୁ ଭାଗ ନେଇଥିବା ବେଳେ ବିଭିନ୍ନ ବିଦ୍ୟାଳୟର ୨୨ଜଣ ଆଚାର୍ଯ୍ୟା ଆଚାର୍ଯ୍ୟ କ୍ରୀଡ଼ା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଦ୍ମଚରଣ ସାହୁ ଅଧ୍ୟକ୍ଷତା କରିଥିଲେ। ସହସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ଉପସଭାପତି ଗୀତା ପାଢୀ ମଞ୍ଚାସୀନ ଥିଲେ। ଗଞ୍ଜାମର ପ୍ରଧାନାଚାର୍ଯ୍ୟ ଆଦିତ୍ୟ ମହାପାତ୍ର, ରମ୍ଭାର ପ୍ରଧାନାଚାର୍ଯ୍ୟ ଶ୍ରୀଧର ପ୍ରଧାନ, ନରେନ୍ଦ୍ରପୁରର ପ୍ରଧାନାଚାର୍ଯ୍ୟ ତ୍ରିନାଥ ନାୟକ, ଭଞ୍ଜବିହାର ପ୍ରଧାନାଚାର୍ଯ୍ୟ ଦଣ୍ଡପାଣି ସାହୁ, ଗୋପାଳପୁରର ପ୍ରଧାନାଚାର୍ଯ୍ୟା ଅନିତା ପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ଗଞ୍ଜାମ ଜିଲା ପ୍ରମୁଖ ବିପିନ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଫିରିଙ୍ଗିଆ, ୧୫।୧୨ (ବିମଳ ଦିଗାଲ)**

ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟଠାରେ ଥିବା ଏକଲବ୍ୟ ଆବାସିକ ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ସମୀର କୁମାର ନାଏକ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ଗୋଛାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ କୁମାର ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ଶାରୀରିକ ବିକାଶ ପାଇଁ କ୍ରୀଡ଼ାର ଆବଶ୍ୟକତା




ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନେଡ଼ିପଦର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପାଢ଼ୀ, ଦାମିଙ୍ଗିଆ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପର୍ଶୁରାମ କହଁର, ଫୁଲବାଣୀ ଆଦିବାସୀ ଉନ୍ନୟନ ସଂସ୍ଥା ସେକ୍‌ସନ ଅଧିକାରୀ ଗଣେଶ ନାୟକ, ରାଜେଶ କୁମାର ନାଏକ, ସୁବ୍ରତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷ ସାଇ ସ୍ୱରୂପ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ସୌରଭ ଦତ୍ତ, ତନ୍ମୟ ସାହୁ, ଧ୍ରୁବା ପାଲ, ସୁପ୍ରିୟା ପାତ୍ର, ଦିବ୍ୟଶେଖର, ମାଧୁରୀ ସାହୁ, ଆଲୋକ କୁମାର ସେନାପତି, ପ୍ରଭାତ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଅତିଥିମାନେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

**ଆସିକା ୧୫।୧୨ (ସୁରେନ୍ଦ୍ର ନାଥ ସାହୁ)**

ଆସିକା ବ୍ଲକର ଖାରିଆ ପଞ୍ଚାୟତ ଅନ୍ତର୍ଗତ ଘଟକୁରୀ ଗ୍ରାମର ବଜରଙ୍ଗ କ୍ରିକେଟ୍ କ୍ଲବ ପକ୍ଷରୁ ରବିବାର ଗ୍ରାମାଞ୍ଚଳ କ୍ରିକେଟ ଟର୍ନାମେଣ୍ଟ ଆରମ୍ଭ ହୋଇଛି। ବରିଷ୍ଠ ସାମାଜିକ କର୍ମୀ ବଂଶୀଧର ନାହାକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ହାତିଓଟ ଓ କୋଟିନଡ଼ା ଦଳ ମଧ୍ୟରେ ହୋଇଥିଲା। ଟସ୍ ଜିଣି କୋଟିନଡ଼ା ଦଳ ପ୍ରଥମେ ବ୍ୟାଟି କରି ୧୧.୪ ଓଭରରେ ୫୧ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ହାତିଓଟ ଦଳ ୪.୩ଓଭରରେ କୌଣସି ଉଇକେଟ୍‌ନ ହରାଇ ୫୨ରନ୍ କରି ବିଜୟୀ ହୋଇଥିଲା। ହାତିଓଟ ଦଳର ବାଦଲ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆକାଶ ପାତ୍ର ଓ ହରେକୃଷ୍ଣ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ଆସିକା ଅଞ୍ଚଳର ୧୬ଟି ଦଳ ଏହି ଟୁର୍ଣାମେଣ୍ଟରେ ଅଂଶ ଗ୍ରହଣ କରିଛନ୍ତି। ନିର୍ଦ୍ଧାରିତ ୧୫ଓଭରରେ ହେଉଥିବା ଏହି ଖେଳ ୨୭ ତାରିଖରେ ସାରିବା ଲାଗି ଯୋଜନା ପ୍ରସ୍ତୁତ କରାଯାଇଛି। କ୍ରିକେଟ୍ କ୍ଲବର ସଭାପତି ଶ୍ୱେତବସନ୍ତ ଲେଙ୍କା, ସମ୍ପାଦକ କମଳ ଲୋଚନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁମନ୍ତ ଗୌଡ଼, ସୁରଜ ଜେନା, କିରଣ ଗୌଡ଼, କୃଷ୍ଣ ଗୌଡ଼, ରାଜା ସେଠୀ, ଶଙ୍କର ଜେନା, ସୌମ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଛନ୍ତି।

# ବିଜ୍ଞାନ ମହାବିଦ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ

**ଛତ୍ରପୁର, ୧୫।୧୨**
**(ଦିଲ୍ଲୀପ ସାମଲ/ ସନ୍ତୋଷ ପାଢ଼ୀ)**

ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଜାତୀୟ ସେବା ଯୋଜନା ଓ ଜାତୀୟ ସମର ବାହିନୀ ଛାତ୍ରୀଛାତ୍ର ଓ ମା’ ରାମଚଣ୍ଡୀ ପୂଜା କମିଟିର ମିଳିତ ଉଦ୍ୟମରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ ଏନ୍‌ସିସି ଅଧିକାରୀ ଲ୍ୟୁଟନାଣ୍ଟ ମନୋରଞ୍ଜନ ମହାରଣା ଓ ଜାତୀୟ ସେବା ଯୋଜନା ବିଭାଗର ଅଧ୍ୟାପକ ଡ. ଅଜିତ କୁମାର ସେଠୀ ଯୋଗଦେଇଥିଲେ। ଅନ୍ୟମାନଙ୍କ


ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ମଧ୍ୟରେ ମା’ ରାମଚଣ୍ଡୀ ପୂଜା କମିଟିର ସଭାପତି ଅଜୟ ନାୟକ, ପୂଜା କମିଟି ଉପଦେଷ୍ଟା ତ୍ରିପତି ବାଲାଜୀ ମିଶ୍ର, ସହ ସଂଯୋଜକ ତୁଷାର ଶତପଥୀ, ନୃତ୍ୟଗୁରୁ ଜୀବନ ମହାରଣା, ରାଜେଶ ନନ୍ଦ, ବଂଶୀଧର ନାୟକ, ଶଙ୍କର ନାୟକ, ସୁଧୀର ମହାରଣା, ଶିବରାମ ନାୟକ, ଦଣ୍ଡପାଣି ମହାରଣା, ଧନୁ ନାୟକ, ପ୍ରସନ୍ନ ନାୟକ, ବରୁଣ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରମିକ ସମ୍ପର୍କ ଅଭିଯାନର ପ୍ରସ୍ତୁତି ବୈଠକ

**ଶେରଗଡ଼, ୧୫।୧୨ (ସୂର୍ଯ୍ୟ ନାରାୟଣ ଦାଶ)**

ଭାରତୀୟ ମଜଦୁର ସଂଘର ଆହ୍ୱାନ କ୍ରମେ ୭୦ ବର୍ଷ ପୂର୍ତ୍ତି ଅବସରରେ ଶ୍ରମିକ ସମ୍ପର୍କ ଅଭିଯାନର ପ୍ରସ୍ତୁତି ବୈଠକ ରବିବାର ବ୍ରହ୍ମପୁର କୋର୍ଟ ପେଟା ରାଜ୍ୟରାଣୀ କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇଛି। ବୈଠକରେ ସଂଘର ଜିଲା ସଭାପତି ଭବାନୀ ଶଙ୍କର ଦାଶ, ଉପସଭାପତି ଚପଳା ନାୟକ, ସଂଗଠନ ସମ୍ପାଦକ ଗୋପାଳକୃଷ୍ଣ ସାଇଁ ଓ ଜିଲା ସଂପାଦକ ଅର୍ଜୁନ ବେହେରା, ମହାନଗର ନିଗମ ସଭାପତି ବି. ଧର୍ମା ରାଓ, ହିଞ୍ଜିଳି ବ୍ଲକ ସଭାପତି ଉମା ଶଙ୍କର ସାହୁ, ଶେରଗଡ଼ ବ୍ଲକ ସଭାପତି ଗୌରହରି ସାବତ, ଆଶା ସଭାନେତ୍ରୀ ରେଣୁବାଳା ସାହୁ, ଅଙ୍ଗନୱାଡି ସଂଯୋଜିକା ଅମିତା ରାଉତ, ପ୍ରଭାରୀ କୁମୁଦିନୀ ପ୍ରଧାନ, ହିଞ୍ଜିଳି ବ୍ଲକ ଆଶା ସଭାନେତ୍ରୀ ରୀନାରାଣୀ ଗୌତମ, ସାନଖେମୁଣ୍ଡି ବ୍ଲକ ବିଏମ୍‌ଏସ୍ ସମ୍ପାଦକ ସନ୍ତୋଷ ଦାଶ, ଜିଲା ବିଏମ୍‌ଏସ୍ ଉପସଭାପତି ଅମ୍ବୁଜ ଚରଣ ସାହୁ, ଶିବଦତ୍ତ କୁମାର ଦାଶ, ନଦିଆ ରାଣୀ ପାତ୍ରପୁର ବ୍ଲକର ପ୍ରକାଶ ଚନ୍ଦ୍ର ପାତ୍ର, ଆଶା ସଭାନେତ୍ରୀ ସଂଯୁକ୍ତା କୁମାରୀ ପଣ୍ଡା, ରଙ୍ଗେଇଲୁଣ୍ଡା ବ୍ଲକ ସମ୍ପାଦିକା ସୁନିତା ଦାସ ଏବଂ ଜିଲାର ଅନ୍ୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ଭାଜପାରେ ସାମିଲ ହେଲେ ୭ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି

**ଆସିକା, ୧୫।୧୨ (ସୁରେନ୍ଦ୍ର ନାଥ ସାହୁ)**

ଆସିକା ବ୍ଲକ୍‌ର ବିଜେଡି ସମର୍ଥିତ ବହୁ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ରବିବାର ଭାଜପାରେ ସାମିଲ ହୋଇଛନ୍ତି । ବଡ୍ରକୋଟ ନିକଟସ୍ଥ ନାରାୟଣପୁରସ୍ଥିତ ଆସିକା ଭାଜପା ବିଧାୟକ ସରୋଜ ପାଢ଼ୀଙ୍କ ଫାର୍ମ ହାଉସରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷାଙ୍କ ସମେତ ୭ଟି ପଞ୍ଚାୟତର ସରପଞ୍ଚ ବିଧାୟକ ପାଢ଼ୀଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଥିବା ଜଣାପଡ଼ିଛି। ସାମିଲ ହୋଇଥିବା ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ଆସିକା ପଞ୍ଚାୟତ ସମିତିର ଉପାଧ୍ୟକ୍ଷା ରେଶମା ଦୋରା, ଭେଟନଇ ସରପଞ୍ଚ ନମିତା ଜେନା, ବରିଷ୍ଠ ନେତା ଟୁଲୁ ଜେନା, ବାଲିସିରା ସରପଞ୍ଚ ଦୈତାରି ବେହେରା, ଆଲିପୁର ସରପଞ୍ଚ ଜ୍ୟୋତିର୍ମୟୀ ନାହାକ, କାଳଷଣ୍ଢପୁର ସରପଞ୍ଚ ଜୟନ୍ତୀ ବେହେରା, ପୂର୍ବତନ ସମିତି ସଭ୍ୟ ସମୀର ବେହେରା, ଖାରିଆ ସରପଞ୍ଚ ଜୟନ୍ତୀ ସାହୁ, ବରିଷ୍ଠ ଯୁବନେତା ଭଗବାନ ସାହୁ, ପାଣ୍ଡିଆପଥର ସରପଞ୍ଚ ନୀଳାଞ୍ଚଳ ଗୌଡ଼, ବାଙ୍ଗରଡ଼ା ସରପଞ୍ଚ ରୁକ୍ମା ବିଶ୍ୱାଳ, ଶଙ୍କର ସେଠୀ, ନାରାୟଣ ଡାକୁଆଙ୍କ ସମେତ ବହୁ ଆଗଧାଡ଼ିର କର୍ମୀ ମଧ୍ୟ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିବା ଜଣାପଡ଼ିଛି ।


ବିଧାୟକଙ୍କ ଗହଣରେ ଭାଜପାରେ ସାମିଲ ହୋଇଥିବା ସରପଞ୍ଚ ଓ କର୍ମୀ।

# ପର୍ଯ୍ୟଟକଙ୍କୁ ବିଭୋର କରୁଛି ଇକୋ ପାର୍କ, କାଳିଗାଡୁ ହିଲ୍‌ଟପ୍

**ଜି. ଉଦୟଗିରି, ୧୫।୧୨**
**(ଚିନ୍ମୟ କୁମାର ସେଠୀ)**

କନ୍ଧମାଳ ଜିଲା ଜି.ଉଦୟଗିରି ଅଞ୍ଚଳରେ ଶୀତର ପ୍ରକୋପ ବଢୁଥିବା ବେଳେ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକଙ୍କ ଆଗମନ ଦେଖିବାକୁ ମିଳୁଛି। ଜି.ଉଦୟଗିରି ସହର ଦେଇ କାଳିଗାଡୁ ହିଲ ଟପ୍ ଅଭିମୁଖେ ପର୍ଯ୍ୟଟକମାନେ ଯାତ୍ରା କରୁଛନ୍ତି। ସ୍ଥାନୀୟସିର୍କି ଇକୋ ପାର୍କ, କାଳିଗାଡୁ ହିଲ ଟପ୍‌ର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ପାଇଁ ରବିବାର ସକାଳୁ ପର୍ଯ୍ୟଟକଙ୍କ ଭିଡ଼ ସହ ବଣ ଭୋଜି ଦେଖିବାକୁ ମିଳିଥିଲା। ସବୁଜ ସୁନ୍ଦର ସୁଉଚ୍ଚ ପାହାଡ଼ ପର୍ବତ ସହ ପ୍ରାକୃତିକ ଦୃଶ୍ୟ ପାହାଡ଼ ଉପରେ ଭଷା ବାଦଲ ଖଣ୍ଡ ଦେଖି ପର୍ଯ୍ୟଟକ ଆତ୍ମ ବିଭୋର ହେଉଛନ୍ତି। ଦିନକୁ ଦିନ ଏହି ହିଲଟପ୍‌କୁ ପ୍ରତେହ ଶତାଧିକ ପର୍ଯ୍ୟଟକଙ୍କ ଭିଡ ଜମୁଛି। ଏହି ପର୍ଯ୍ୟଟନ ସ୍ଥଳୀକୁ ଯିବା ପାଇଁ ରାସ୍ତାରେ କୌଣସି ସୂଚନା ଫଳକ



ଇକୋ ପାର୍କକୁ ବୁଲି ଆସିଥିବା ଏବଂ ବଣଭୋଜି କରିବାକୁ ଆସିଥିବା ପର୍ଯ୍ୟଟକମାନେ।

ନାହିଁ। ଫଳରେ ପର୍ଯ୍ୟଟକଙ୍କ ପାଇଁ ଅସୁବିଧା ହେଉଛି। ସେହିପରି ଜି.ଉଦୟଗିରିସ୍ଥିତ ସମସ୍ତ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ କୌଣସି ଆନୁସଙ୍ଗିକ ବ୍ୟବସ୍ଥା ନାହିଁ। ସରକାର ଉକ୍ତ ସ୍ଥାନ ଗୁଡ଼ିକର ବିକାଶ କରିବା ପାଇଁ ଗୁରୁତ୍ୱ ଦେବାକୁ ଦାବି ହେଉଛି।

